## ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ

# ଖୋଲିଲା ୪୫ ମଣ୍ଡି; ୩.୩୬ ଲକ୍ଷ କ୍ୱିଣ୍ଟାଲ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ






ପାରଳାଖେମୁଣ୍ଡି,୩୦।୧୨(ସମିସ)

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ଖରିଫ ୨୦୨୫-୨୬ ଧାନ କ୍ରୟ ମଣ୍ଡିକୁ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ସଭାପତି ଜି. ତିରୁପତି ରାଓ, ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏମ୍. ପ୍ରକାଶ ରାଓ, ସମବାୟ ସମିତି ଜିଲ୍ଲା ନିବନ୍ଧକ ହରିହର ସେଠ୍ ଓ ଉପଖଣ୍ଡ ପୁଲିସ ଅଧୀକ୍ଷକ ମାଧବାନନ୍ଦ ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରେବତୀ ମୋହନ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଚଳିତ ବର୍ଷ ଜିଲ୍ଲାରେ ୪୫ ମଣ୍ଡି ଖୋଲାଯାଇଛି। ଆଜି ଠାରୁ ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା ରହିଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୩୬ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଧାନକ୍ରୟ କରିବାକୁ ଜିଲ୍ଲାରେ ୧୫ ହଜାର ୫୧୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଧାନ କ୍ରୟ କରିସାରିଲା ପରେ କୃଷକଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା କରାଯିବ। ଧାନ କ୍ରୟ ସମୟରେ ବିଭାଗର ସମସ୍ତ କର୍ମଚାରୀ ସଚେତନ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ୨୦୨୫-୨୬ ଖରିଫ୍ ବର୍ଷ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୋନସ ଧାର୍ଯ୍ୟ କରାଯାଇଛି। ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୩୧୬୯ଟଙ୍କା ଏବଂ ଗ୍ରେଡ 'ଏ ' ଧାନ କ୍ୱିଣ୍ଟାଲ ପିଛା ୩୧୮୯ ଟଙ୍କା ରଖାଯାଇଛି। ସେହିପରି ମଣ୍ଡିକୁ ସଫା, ଶୁଖିଲା, ସମରଙ୍ଗି ଓ ସମଆକାର ଧାନ ଆଣିବାକୁ ମଧ ଚାଷୀ ମାନଙ୍କୁ ଅନୁରୋଧ କରାଯାଇଛି।

## ଧାନ କିଣାରେ ବିଭ୍ରାଟ ହେଲେ ଆନ୍ଦୋଳନ ଚେତାବନୀ

ଏହି ଅବସରରେ ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ ଜିଲ୍ଲାରେ ଧାନମଣ୍ଡି ପୂର୍ବବର୍ଷ ଭଳି ବିଳମ୍ବରେ ଖୋଲାଯାଇଛି। ଚଳିତ ଥର ସୁରୁଖୁରୁରେ କିପରି ଧାନମଣ୍ଡି ପରିଚାଳନା ହେବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ସରକାର ତଥା ପ୍ରଶାସନ ଛୋଟ ଛୋଟ ସମସ୍ୟାର ସମାଧାନ ନକରିବା କାରଣରୁ ଚାଷୀମାନେ ବଳି ପଡୁଛନ୍ତି। ସେହିପରି ପୂର୍ବରୁ କୁଇଣ୍ଟାଲ ପିଛା ୨ କେଜି ୩ କେଜି ଧାନ କଟନୀ ଛଟନୀ ହେଉଥିଲା। ହେଲେ ଏବେ ଏହା ୭ରୁ ୯ କେଜିରେ ପହଞ୍ଚିଛି। ଚାଷୀଙ୍କ ସମସ୍ୟାର ସମାଧାନ ଲାଗି ଚଳିତ ବର୍ଷ ପ୍ରତ୍ୟେକ ମଣ୍ଡିରେ ବିଧାୟକଙ୍କ ପ୍ରତିନିଧି ତଥା ଭଲ୍ୟୁଣ୍ଟର ରହିବେ। ସେମାନେ ଧାନକ୍ରୟ ବେଳେ ଯାହାବି ସମସ୍ୟା ଉପୁଜିବ ତାହା ଜଣାଇବେ। ଯାହା ଫଳରେ ଚାଷୀଙ୍କ ସମସ୍ୟାର ସମାଧାନରେ ସହାୟକ ହେବ ବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି। ଆନୁଷ୍ଠାନିକ ଭାବେ ଧାନମଣ୍ଡି ଖୋଲାଯାଇଛି। ହେଲେ ଉଦଘାଟନ ଦିବସରେ ଧାନମଣ୍ଡି ପରିଚାଳନାରେ ମୁଖ୍ୟ କରି ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ନାହାନ୍ତି। ସେହିପରି ଧାନମଣ୍ଡି ଖୋଲାଯିବାକୁ ନେଇ ପ୍ରଶାସନ ତରଫରୁ ଚାଷୀଙ୍କୁ ସଚେତନତା କରାଯାଇ ନଥିବାରୁ କମ୍ ସଂଖ୍ୟକ ଚାଷୀ ଅଛନ୍ତି। ଯେଉଁମାନଙ୍କ ସହଯୋଗରେ ମଣ୍ଡି ପରିଚାଳିତ ହୋଇଥାଏ ସେମାନେ ଆଜି ନାହାନ୍ତି। ମଣ୍ଡି ଆରମ୍ଭରୁ ହିଁ ବିଭ୍ରାଟ ସୃଷ୍ଟି କରାଯାଇଛି। ଯଦି ଏପରି ପରିସ୍ଥିତି ଲାଗି ରୁହେ ତେବେ ଚଳିତ ବର୍ଷ ଧାନକ୍ରୟରେ ବିଭ୍ରାଟ ସୃଷ୍ଟିହେବା ବୋଲି ଚାଷୀନେତା ସୂର୍ଯ୍ୟନାରାୟଣ ପଟ୍ଟନାୟକ କହିଛନ୍ତି। ଗତବର୍ଷ ଚାଷୀଙ୍କୁ ନାହିଁ ନଥିବା ହଇରାଣ ହରକତ କରାଯାଇଥିଲା। ତେଣୁ ଚଳିତ ବର୍ଷ କୌଣସି ଅସୁବିଧା ସୃଷ୍ଟି କଲେ ଚାଷୀ ସମାଜ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଜିଲ୍ଲାରେ ବିଳମ୍ବରେ ଧାନମଣ୍ଡି ଖୋଲା ଯାଉଥିବା ଓ ଧାନମଣ୍ଡି ଉଦଘାଟନ ଦିନରେ ଏପରି କମ୍ ଚାଷୀ ଓ ସମ୍ପାଦକଙ୍କ ଉପସ୍ଥିତିକୁ ନେଇ ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ରାଓ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ଡିଏଲପିସି ବୈଠକର ନିଷ୍ପତ୍ତି ଅନୁଯାୟୀ ଆଜି ଧାନମଣ୍ଡି ଖୋଲାଯାଇଛି। ଗଜପତି ଜିଲ୍ଲାରେ ବିଗତ ବର୍ଷ ପାଖାପାଖି ୬ ଲକ୍ଷ ୮୦ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୩ଲକ୍ଷ ୩୬ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଯାହାକି ଗତ ବର୍ଷର ମୋଟ ଧାନକ୍ରୟର ୪୯ ପ୍ରତିଶତ। ଚଳିତ ବର୍ଷ ସମସ୍ତ ଚାଷୀଙ୍କ ପଞ୍ଜୀକରଣ ହୋଇଯାଇଛି। ସରକାରଙ୍କ ନିର୍ଦ୍ଧାରିତ ଏଫ୍‌ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ ଅନୁରୋଧ କରାଯାଇଛି। ସେହିପରି ଚଳିତ ବର୍ଷ ପାଗ ଭଲ ରହିଛି ଏବଂ ଅଦିନିଆ ବର୍ଷା ହୋଇନାହିଁ। ତେଣୁ ଚାଷୀ ମାନେ ମଣ୍ଡିକୁ ଉତ୍ତମ ଧାନ ଆଣିପାରିବେ ଏବଂ ସରକାରଙ୍କ ନିର୍ଦ୍ଧାରିତ ୩୧୦୦ ଦର ପାଇବେ ବୋଲି ଆଶା ରଖିଛନ୍ତି। ଏହା ସହ ଚାଷୀମାନେ ବାହାରେ ଧାନକୁ ବିକ୍ରି ନକରି ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ମଣ୍ଡିରେ ଧାନବିକ୍ରି କରିବାକୁ ଅନୁରୋଧ କରାଯାଇଛି। ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କ ସମସ୍ୟାକୁ ନେଇ ପଚରାଯିବାରେ କହିଛନ୍ତି ଯେ, ସେମାନଙ୍କ ବ୍ୟାଙ୍କକୁ ନେଇ ଆଭ୍ୟନ୍ତରୀଣ ସମସ୍ୟା ରହିଛି। ସମସ୍ୟାର ସମାଧାନ ଲାଗି ବୈଠକ ମଧ ହୋଇଛି ଏବଂ ସେମାନେ ଧାନକିଣିବା ପାଇଁ ଚୁକ୍ତିନାମା ମଧ କରିସାରିଛନ୍ତି। ତେଣୁ ଧାନ କ୍ରୟ ସମୟରେ ସମ୍ପାଦକ ସକ୍ରିୟ ରହିବେ ଏବଂ ଧାନ କ୍ରୟରେ କୌଣସି ସମସ୍ୟା ଉପୁଜିବ ନାହିଁ।

## ଗଜସାଥୀ ପ୍ରଶିକ୍ଷଣ ଶିବିର

ଦିଗପହଣ୍ଡି,୩୦।୧୨(ସମିସ): ଦିଗପହଣ୍ଡି ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଗଜ ସାଥି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଦିବ୍ୟ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଦିଗପହଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ମଧୁସ୍ମିତା ପଣ୍ଡା, ସାନଖେମୁଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ପ୍ରବୀଣ ସାହୁ, ଦିଗପହଣ୍ଡି ଓ ପାଟପୁର ବିଦ୍ୟୁତ ବିଭାଗ ଟିପିଏସଓଡିଏଲ ଯନ୍ତ୍ରୀ ବୃନ୍ଦ ଉପସ୍ଥିତ ଥିଲେ। ବନ ବିଭାଗ ଏବଂ ବିଦ୍ୟୁତ ବିଭାଗ ମଧ୍ୟରେ ସମନ୍ୱୟରକ୍ଷା କରି ବିଭିନ୍ନ ବନ ସୁରକ୍ଷା ସମିତି ପକ୍ଷରୁ ଗ୍ରାମାଞ୍ଚଳରେ ନିୟୋଜିତ ଗଜ ସାଥି ବୃନ୍ଦ କାର୍ଯ୍ୟ କରିବାକୁ ଆଲୋଚନା କରାଯାଇଥିଲା। ବନ ବିଭାଗ ପକ୍ଷରୁ ପାଟପୁର ଓ ଟିକିଟି ସେକ୍ସନରେ ନିଯୁକ୍ତ ୭ ୟୁନିଟର ୨୮ ଜଣ ଗଜ ସାଥି ଏବଂ ବିଦ୍ୟୁତ ପ୍ରହରୀ ବୃନ୍ଦ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଓପନ୍ ତାଏକ୍ୱୋଣ୍ଡୋରେ କନ୍ଧମାଳ ପ୍ରତିଯୋଗୀଙ୍କ ସଫଳତା



ଦାରିଙ୍ଗବାଡି/ରାଇକିଆ,୩୦।୧୨(ସମିସ): ଓଡ଼ିଶା ତାଏକ୍ୱୋଣ୍ଡୋ ଆନୁକୂଲ୍ୟରେ ଭଦ୍ରକର ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ତିନି ଦିନ ଧରି ଅନୁଷ୍ଠିତ ରାଜ୍ୟସ୍ତରୀୟ ଓପନ୍ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଥିବା ବେଳେ ଏଥିରେ କନ୍ଧମାଳ ପ୍ରତିଯୋଗୀ ସଫଳତା ଅର୍ଜନ କରିଛନ୍ତି। ତିନି ଦିନଆ ଏହି ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘରୁ ପ୍ରାୟ ୨୫ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସଂଘର ମୁଖ୍ୟ ପ୍ରଶିକ୍ଷକ ଭେନୁଷ କୁମାର ନାୟକ କହିଛନ୍ତି ପୂମସା ଏବଂ କ୍ୟୋରୁଗୀରେ ଭାଗ ନେଇ ଜିଲ୍ଲା ପ୍ରତିଯୋଗୀ ଭଲ ଖେଳ ପ୍ରଦର୍ଶନ କରିଥିଲେ। ଅପୂର୍ବା ଆର୍ଯ୍ୟ, ଦିବ୍ୟଆଦର୍ଶନୀ, ସୁଶ୍ରୀଭା, ଆଶୁତୋଷ ଥିବାବେଳେ ସ୍ୱର୍ଣ୍ଣପଦକ ଅର୍ଜନ କରିଥିବା ବେଳେ ରାଜଲକ୍ଷ୍ମୀ, ଆରୋହୀ ଈଶାନ ଆଦ୍ୟାତ, ଆରିୟାନ, ପରିନିତା, ସ୍ମିତା ସ୍ନେହା, ଗୌରଭ, ସାଇଲି, ଇମ୍ରାନ, ରୀତିଷ, ଆଦିତ୍ୟ, ଇତିଶ୍ରୀ, ପ୍ରେସିଓଉସ, ଆଦ୍ୟାଶ୍ରୀ କାଂଶ୍ୟ ଓ ଆଦିୟାଶା, ସାଇଶ୍ୱେତା, ମହେଶ, ରୋଶନୀ, ରିହାନ, ସମ୍ଭବ, ରୌପ୍ୟ ପଦକ ହାସଲ କରି କନ୍ଧମାଳ ଜିଲ୍ଲା ପାଇଁ ଗୌରଭ ନେଇଆସିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିଯୋଗୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## କୁଇ ସମାଜ ପକ୍ଷରୁ ଚକରା ବିଷୋୟୀଙ୍କ ଜୟନ୍ତୀ




ଜି.ଉଦୟଗିରି,୩୦।୧୨(ସମିସ): ଜି.ଉଦୟଗିରି ନିଖିଳ ଉତ୍କଳ କୁଇ ସମାଜ ତରଫରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ଚକରା ବିଷୋୟୀଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଅତିଥି ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଆଦିବାସୀ ପରମ୍ପରା ଅନୁଯାୟୀ ବୀର ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ କୁଇ ସାମାଜ ୟୁନିଅନ ଯୁବ ପରିଷଦ ସଭାପତି ଆମନ ପ୍ରଧାନ, ଭୀମସେନ ପ୍ରଧାନ, ଉଦେଶନ ପ୍ରଧାନ, ଅଭିମନ୍ୟୁ ପ୍ରଧାନ ଓ ବାଲିଗୁଡ଼ା କୁଇ ସମାଜ ସଭାପତି ମନୋଜ ପ୍ରଧାନ ଉପସ୍ଥିତ ଥିଲେ।

## ରୋହିତ ଗଜପତି କନେଷ୍ଟବଳ ସଂଘ ସଭାପତି



ପାରଳାଖେମୁଣ୍ଡି,୩୦।୧୨(ସମିସ): ଗଜପତି ଜିଲ୍ଲା ପୁଲିସର କନେଷ୍ଟବଳ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରୋହିତ କୁମାର ରଥ ସଂଘର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ଲକ୍ଷ୍ମଣ ଭୂୟାଁ, ସମ୍ପାଦକ ଭାବେ ସଞ୍ଜୀବ କୁମାର ଦଳବେହେରା, କୋଷାଧ୍ୟକ୍ଷ ଭାବେ ସୁଧୀର କୁମାର ଜେନା, ସହ ସମ୍ପାଦକ ଭାବେ ଆଶିଷ କୁମାର ରାଜୁ ଓ ସୁରେଶ ପାତ୍ର ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ୫ଜଣ ଯଥା ଏ.ବିଜୟ କୁମାର, ସୀମାଞ୍ଚଳ ମହାରଣା, କୁମୁଦିନି ଦେବୀ, ଋଷିକେଶ ସାମଲ ଓ ପ୍ରଭାକର ନାୟକ ମନୋନୀତ ହୋଇଛନ୍ତି। ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସନ୍ଧ୍ୟାରେ ଆତସବାଜି ଫୁଟାଇ ଶୋଭାଯାତ୍ରାରେ ସହର ପରିକ୍ରମା କରାଇଥିଲେ ସଂଘର ସଦସ୍ୟମାନେ। ଏହାସହ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଲିସ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ଠାରୁ ଆରମ୍ଭ କରି ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି।

## ବାରଣାସୀ ମହୋତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ



କାଶୀନଗର,୩୦।୧୨(ସମିସ): ଚଳିତ ବର୍ଷର ବାରଣାସୀ ମହୋତ୍ସବ ତଥା କାଶୀନଗର ବ୍ଲକ୍ ଓ ଏନ୍‌ଏସିସ୍ତରୀୟ ଗଜପତି ଉତ୍ସବ ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଦଭାବନା ଗୃହରେ ମଙ୍ଗଳବାର ଦିନ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ବି.ସାୟାମ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଏନ୍‌ଏସି ଅଧ୍ୟକ୍ଷା ଏମ.ସୁଧାରାଣୀ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗବତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ମ୍ୟୁନିସିପାଲ ଇଞ୍ଜିନିଅର ରଜତ କୁମାର ପାଢ଼ୀ ମଞ୍ଚାସୀନ ଥିବା ବେଳେ କେତେକ ପଞ୍ଚାୟତର ସରପଞ୍ଚ/ସମିତିସଭ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଗତ ଉତ୍ସବର ଆୟବ୍ୟୟ ହିସାବ ଉପସ୍ଥାପନ କରାଯାଇଥିଲା। ଗତ ଉତ୍ସବ ସରିବାର ୭ ଦିନ ଭିତରେ ହିସାବ ଦେବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିବା ବେଳେ, ବର୍ଷେ ପରେ ଭାଉଚର ନଦେଖାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେବଳ କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଥିଲା ପଢ଼ି ଶୁଣାଇ ଦେଇଥିବା କାରଣରୁ ଖର୍ଚ୍ଚର ସ୍ୱଚ୍ଛତା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆୟବ୍ୟୟ ହିସାବ ଫର୍ଦ୍ଦର ନକଲ ସମ୍ପୃକ୍ତ ସମସ୍ତଙ୍କୁ ଦିଆଯିବା ଉଚିତ ବୋଲି ମତ ପ୍ରକାଶ ପାଇଛି। ଏହାଛଡ଼ା ପ୍ରଥମ ପ୍ରସ୍ତୁତି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଦ୍ୱିତୀୟ ପ୍ରସ୍ତୁତି ବୈଠକକୁ ଡାକିବା ନିମନ୍ତେ ଉପସ୍ଥିତ ସମସ୍ତଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। କିନ୍ତୁ ମଙ୍ଗଳବାର ବୈଠକରେ କେହି ଉପସ୍ଥିତ ନଥିଲେ। ସୂଚନା ଦିଆ ଯାଇଥିବା ସତ୍ତ୍ୱେ କେହି ଆସି ନଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ଅର୍ଥାଭାବ ଯୋଗୁ ଗତ ବର୍ଷ ଉତ୍ସବ ଅବସରରେ ସ୍ମରଣିକା ପ୍ରକାଶ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ପାରି ନଥିବା ବେଳେ ଚଳିତ ବର୍ଷ ସେ ଦିଗରେ ପଦକ୍ଷେପ ନେବାକୁ ବି ବୈଠକରେ ଆଲୋଚନା କରାଯାଇଥିଲା। ଜାନୁଆରୀ ୮ ଓ ୯ ତାରିଖରେ ବାରାଣସୀ ମହୋତ୍ସବ ହେବ।

## ବିଜେଡି କାଉନ୍‌ସିଲରଙ୍କ ପ୍ରେସ୍‌ମିଟ୍

# ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଆଣିଲେ ଅଭିଯୋଗ

କାଶୀନଗର,୩୦।୧୨(ସମିସ): କାଶୀନଗର ଏନ୍‌ଏସିର ପୂର୍ବତନ ଉପାଧ୍ୟକ୍ଷ ରଘୁରାମ ସାହୁ ଓ ୨ ଜଣ କାଉନ୍‌ସିଲର କେ. ରାମାରାଓ ଓ କେ. ଜୀବରତ୍ନ, ସେମାନଙ୍କ ସମର୍ଥକ ଅନ୍ୟ କାଉନ୍‌ସିଲର ଓ କର୍ମୀମାନଙ୍କ ସହ ମିଶି ଏକ ପ୍ରେସ୍‌ମିଟ୍ କରି ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଏନ୍‌ଏସି ଅଧ୍ୟକ୍ଷା ଏମ୍. ସୁଧାରାଣୀ ମନମୁଖୀ କାରବାର ଚଳାଇଛନ୍ତି। ଚଳିତ ମାସ ୨୩ ତାରିଖରେ କାଉନ୍‌ସିଲ ବୈଠକ ହେବାର ଥିଲା। ପରବର୍ତ୍ତୀ ସମୟରେ ଉକ୍ତ ବୈଠକ ନୂଆ ବର୍ଷରେ କରିବାକୁ ସ୍ଥିର କରାଯାଇଥିଲା। କିନ୍ତୁ ଅଧ୍ୟକ୍ଷା ହଠାତ୍ ୨୬ ତାରିଖରେ ବୈଠକ ହେବ ବୋଲି ଜଣାଇଲେ। ଫଳରେ ଅଧିକାଂଶ କାଉନ୍‌ସିଲର ବୈଠକରେ ଉପସ୍ଥିତ ହୋଇପାରିଲେ ନାହିଁ। ନିର୍ବାହୀ ଅଧିକାରୀ ଭାଗବତ ସାହୁ ଛୁଟିରେ ଥିବାରୁ ଓ ପାରଳାଖେମୁଣ୍ଡି ବିଧାୟକ ଅନ୍ୟ ସରକାରୀ କାର୍ଯ୍ୟରେ ନିୟୋଜିତ ଥିବାରୁ ବୈଠକରେ ଯୋଗ ଦେବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା। କିନ୍ତୁ ଅଧ୍ୟକ୍ଷା ଚାପ ପକାଇ କେତେକ କାଉନ୍‌ସିଲରଙ୍କ ଦସ୍ତଖତ ରିଜୋଲ୍ୟୁସନ୍ ଖାତାରେ ନେବା ପରେ କୋରମ ଥିବା ସତ୍ତ୍ୱେ ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ବୈଠକ ବାତିଲ ହେଲା ବୋଲି ଜଣାଇଥିଲେ।

କେ.ଜୀବରତ୍ନଙ୍କ କହିବା ଅନୁଯାୟୀ ନିର୍ବାହୀ ଅଧିକାରୀ ବୈଠକରେ ଉପସ୍ଥିତ ରହିବା ସକାଶେ କୌଣସି ଆଇନଗତ ବାଧ୍ୟବାଧକତା ନାହିଁ। ଅଧ୍ୟକ୍ଷା ନିଜ ସ୍ୱାର୍ଥ ପାଇଁ ତାଙ୍କୁ ବଦନାମ କରୁଛନ୍ତି। କେ.ରାମାରାଓ ରିଜୋଲ୍ୟୁସନ ନପଢ଼ି ଖାତାରେ ଦସ୍ତଖତ କରି ଦେଇଥିବା କହିଥିଲେ। ଅଧ୍ୟକ୍ଷାଙ୍କ ପୁଅ ଅଧିକାଂଶ ସବ୍‌କମିଟିରେ ସଦସ୍ୟ ଥିବାରୁ ନୂଆକରି ସବୁ ସବ୍‌କମିଟି ଗଠନ କରାଯିବା ଉଚିତ ବୋଲି ମତ ଦେବା ସହ ଅଧ୍ୟକ୍ଷା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ବିଜେଡିରେ ଅଛନ୍ତି, ଭିତରେ ସେ ବିଜେପିକୁ ସମର୍ଥନ କରୁଛନ୍ତି କି ନାହିଁ ଜଣାପଡୁନି ବୋଲି କହିଥିଲେ।



ପୂର୍ବତନ ଉପାଧ୍ୟକ୍ଷ ସାହୁ ତାଙ୍କୁ ପଦରୁ ହଟାଯିବା ପ୍ରସଙ୍ଗ ଉଠାଇ କହିଥିଲେ ଯେ, ସେ ଏନ୍‌ଏସିରେ ଚାଲିଥିବା ଦୁର୍ନୀତିର ପର୍ଦ୍ଦାଫାଶ ପାଇଁ ଉଦ୍ୟମ ଜାରି ରଖିଥିବା କାରଣରୁ ଓ ବିକାଶ ବାଧାପ୍ରାପ୍ତ ହେଉଥିବା କଥା ଉପରେ ଜୋର୍ ଦେଇଥିବାରୁ ଷଡ଼ଯନ୍ତ୍ରମୂଳକ ଭାବେ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ସରକାରଙ୍କୁ ଦେଇ ତାଙ୍କୁ ପଦରୁ ହଟାଇବା ନେଇ ହୀନ ରାଜନୀତି କରାଯାଇଛି। ଦୁର୍ନୀତିରେ ଲିପ୍ତ ଥିବା ବ୍ୟକ୍ତିଙ୍କ ପ୍ରତି ପଦକ୍ଷେପ ନନେଇ ଦୁର୍ନୀତିକୁ ବିରୋଧୀ କରୁଥିବା ଜନପ୍ରତିନିଧି ପ୍ରତି ଭୁଲ୍ ପଦକ୍ଷେପ ନେଇନଥିବା ଅଭିଯୋଗ କରିଛନ୍ତି ସାହୁ। ଗତ ପୌର ନିର୍ବାଚନ ଅବସରରେ ପ୍ରାର୍ଥୀପତ୍ର ଦାଖଲ ବେଳେ ସେ କୌଣସି ତଥ୍ୟ ଲୁଚାଇ ନଥିଲେ ବୋଲି କହିଛନ୍ତି। ପଦରୁ ହଟାଯାଇଥିବା ପରି କୌଣସି ପତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ପାଇନଥିବା ବା ତାଙ୍କୁ ଅବଗତ କରାଯାଇନଥିବା କହିଛନ୍ତି।

## ଗୁମ୍ମା ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ଗୁମ୍ମା,୩୦।୧୨(ସମିସ): ଗୁମ୍ମା ପ୍ରିମିୟର ଲିଗ୍ (ଜିପିଏଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ମିନି ଷ୍ଟାଡିୟମରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସମାଜସେବୀ ସାଧକ ବେବର୍ତ୍ତା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଗୁମ୍ମା ଅଞ୍ଚଳର ଦକ୍ଷ ଖେଳାଳିଙ୍କୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। ଏଥିରେ ୮ ଦଳ ଭାଗ ନେଇଥିବା ବେଳେ ବିଜେତା ଦଳକୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ପ୍ରଥମ ମ୍ୟାଚ ଗୁମ୍ମା ସୁପର ଏକାଦଶ ଓ ଗୁମ୍ମା କିଙ୍ଗ୍ ଏକାଦଶ ମଧ୍ୟରେ ଖେଳାଯାଇଛି। ଅଞ୍ଚଳର ଗୁମ୍ମା, କୃଷ୍ଣଚନ୍ଦ୍ର ପୁର, କଳାକଟ, ଲିଙ୍ଗା, ଭୁରୁଡିଙ୍ଗ, କୁତାମ, ସେରଙ୍ଗ, ହାଟପଦା ଓ ଗାଇବା ଅଞ୍ଚଳର ଖେଳାଳି ଭାଗ ନେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୧୨ଦିନ ଧରି ଚାଲିବ ବୋଲି ଆୟୋଜକ ପୋଲବୀ ସିଂ ଓ କ୍ଲିଣ୍ଟନ ରାଉଳ କହିଛନ୍ତି। କ୍ଲିଣ୍ଟନ ରାଉଳ, ମାଇକେଲ ଲିମ୍ମା, ପ୍ରୀତମ ପାଳ, ମାଇକେଲ ଷଡ଼ଙ୍ଗୀ, ପିଣ୍ଟୁ ପାଣି,ଲମାନ ପାଳ ଓ ବରିଷ୍ଠ କ୍ରିକେଟ ଖେଳାଳି, ସୁବନ୍ୟ ପାଣି,ଜିତୁ ସିଂ ଏବଂ ଧର୍ମେନ୍ଦ୍ର ପାଲ୍ ଖେଳ ପରିଚାଳନା କରିଥିଲେ।


# ବିକାଶ ଅପେକ୍ଷାରେ ଢେଙ୍କିଶାଳ ଖସଡ଼ା

## ପର୍ଯ୍ୟଟନସ୍ଥଳକୁ ନାହିଁ ଭଲ ରାସ୍ତା

## ଦର୍ଶକଙ୍କୁ ଆକୃଷ୍ଟ କରୁଛି ବାରମାସୀ ଝରଣା

ପାରଳାଖେମୁଣ୍ଡି, ୩୦।୧୨(ସମିସ)

ଗଜପତି ଜିଲ୍ଲା ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଦେଉଳା ଗ୍ରାମ ନିକଟରେ ରହିଛି ଢେଙ୍କିଶାଳ ଖସଡ଼ା ଝରଣା। ଗଜପତି ଜିଲ୍ଲା ମୋହନା ବ୍ଲକ ଜିରାଙ୍ଗ ନିକଟସ୍ଥ ଖସଡ଼ା ଭଳି ସାମଞ୍ଜସ୍ୟ ରହିଥିବାରୁ ଖସଡ଼ା ନାମକୁ ଯୋଡ଼ାଯାଇଛି। ହେଲେ ଜିରାଙ୍ଗ ଖସଡ଼ା ଠାରେ ପଥର ଉଚ୍ଚତାରୁ ପାଣି ପଡୁଥିବା ବେଳେ ଏଠାରେ ସାମାନ୍ୟ ଉଚ୍ଚତା ରହିଛି। ମହେନ୍ଦ୍ରଗିରି ପାଦଦେଶରେ ଥିବା ବିଭିନ୍ନ ପାହାଡ଼ ମଧ୍ୟରୁ କଉଁପୁର-କିଞ୍ଜିଲିଙ୍ଗି ପାହାଡ଼ ଶିଖରରୁ ଉତ୍ପତ୍ତି ହୋଇଥିବା ଜଣାଯାଇଛି। ଏହା ଚିରସ୍ରୋତ ହୋଇଥିବାରୁ ସବୁ ଋତୁରେ କୁଳୁ କୁଳୁ ନାଦ କରି ଝରଣା ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳେ। ବିଶେଷ କରି ଶୀତ ଦିନେ ଏହି ଝରଣାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଗ୍ରୀଷ୍ମ ଋତୁରେ ଜଳରାଶି ସାମାନ୍ୟ କମିଯାଉଥିବା ବେଳେ ବର୍ଷାଦିନେ ଜଳଭରା ହୋଇପଡିଥାଏ। ଫଳରେ ବର୍ଷା ଦିନେ ପାଣିର ସ୍ରୋତ ପ୍ରଖର ରହିଥିବା ଦେଖାଯାଏ। ପ୍ରାକୃତିକ ଶୋଭାରାଜି ମଧ୍ୟରେ ଦେଉଳା ଗ୍ରାମ ନିକଟରେ ରହିଛି ଏହି ଢେଙ୍କିଶାଳ ଖସଡ଼ା। ଏହି ପ୍ରାକୃତିକ ଝରଣାର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ବିଶେଷ କରି ଶୀତଦିନେ ବହୁ ପର୍ଯ୍ୟଟକ ଆସିଥାନ୍ତି ଓ ଏଠାରେ ବଣଭୋଜିର ମଜା ମଧ୍ୟ ନେଇଥାନ୍ତି।



ହେଲେ ପିକ୍‌ନିକ୍ ସ୍ପଟ୍‌ଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଥିବାରୁ ଏଠାକୁ ଭଲ ରାସ୍ତାଟିଏ ନାହିଁ। ଗାରାବନ୍ଧ-କିଞ୍ଜିଲିଙ୍ଗି-କଇଁପୁର ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତା ଠାରୁ ଏହି ସ୍ଥଳ ମାତ୍ର ୮୦୦ ମିଟର ଦୂର। ପାହାଡ଼ ତଳେ ତଳେ ଦେଇ ଥିବା ଢେଙ୍କିଶାଳ ଖସଡ଼ା ଝରଣା ପାଣି ବର୍ଷ ତମାମ ପ୍ରବାହିତ ହୋଇଥାଏ। ଏହି ଝରଣାର ଜଳ କୃଷ୍ଣ ସାଗରରେ ମିଶ୍ରଣ ହୋଇଥିବା ଜଣାଯାଇଛି। ବିରାଟକାୟ ପଥର ଚଟାଣ ସାଙ୍ଗକୁ ପାହାଡ଼ ଏବଂ ବୃକ୍ଷଲତା ମଧ୍ୟରେ ରହିଛି। ଯାହାକି ପ୍ରାକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିଗୋଚର ହୁଏ। ଏଠାରୁ ମାତ୍ର ୬ କିମି ଦୂରରେ ରହିଛି ରାୟଗଡ଼ ବ୍ଲକର ଗଣ୍ଡାହାତୀ ଜଳ ପ୍ରପାତ। ଗାରାବନ୍ଧ ଗ୍ରାମଠାରୁ ଏହା ୭.୫ କିମି ଦୂରତାରେ ଅବସ୍ଥିତ। ସେହପିର ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠାରୁ ୩୧ କିମି ଏବଂ ବ୍ଲକ ସଦରମହକୁମା ଗୋଷାଣିଠାରୁ ୧୧ କିମି ଦୂରରେ ଅବସ୍ଥିତ। ତେବେ ଗୋଷାଣି ବ୍ଲକରେ ଏପରି ଏକ ପ୍ରାକୃତିକ ଶୋଭାରାଜିରେ ଝରଣା ରହିଥିବା ନେଇ ଅନେକ ଆଗୋଚର ରହିଛନ୍ତି। ତଥାପି ପିକନିକ୍ ଋତୁରେ ଏଠାରେ ପର୍ଯ୍ୟଟକମାନେ ଆସି ସୌନ୍ଦର୍ଯ୍ୟଭରା ଝରଣା ଏବଂ ପ୍ରାକୃତିକ ପରିବେଶକୁ ଉପଭଗ କରିବା ସହ ଭୋଜିଭାତ କରୁଥିବା ଦେଖାଯାଏ। ରମ୍ଭା ପଞ୍ଚାୟତ ସମିତିସଭ୍ୟ ନୀର ଭୂୟାଁଙ୍କ ପ୍ରଚେଷ୍ଟାରେ ଉନ୍ନୟନ ମୂଳକ ଯୋଜନା ଲାଗି ଥିବା ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟବରାଦରେ ମାଟି ରାସ୍ତା ନିର୍ମାଣ କରାଯାଇଛି। ଏହାର ଚାରିପାର୍ଶ୍ୱରେ ସ୍ଥାନ ରହିଥିବା ଯୋଗୁ ଏଠାରେ ପାର୍କ ସଦୃଶ୍ୟ ସାଜସଜା କଲେ ଏହାର ବିକାଶ ହେବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ ବୋଲି ସମିତିସଭ୍ୟ ଶ୍ରୀ ଭୂୟାଁ ପ୍ରକାଶ କରିଛନ୍ତି।

# ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର



**ବୁଗୁଡ଼ା,୩୦ ।୧୨(ସମିସ):** ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୀର୍ଷକ "ରିସେସିଂ ଇଣ୍ଡିଆନ୍ ଡେମୋକ୍ରାସି : ଇଲୋକ୍ଟ୍ରାଲ୍ ପଲିଟିକ୍ସ ଏଣ୍ଡ ଗଭର୍ଣ୍ଣାସ୍ ଚ୍ୟାଲେଞ୍ଜସ୍ ଇନ୍ କଣ୍ଟେପୋନାରି ଇଣ୍ଡିଆ' ସମ୍ପର୍କରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।

କଲେଜ ସମ୍ମିଳନୀ କକ୍ଷରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡ.ଅମିୟ କୁମାର ପରିଚ୍ଛା ଯୋଗଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଛାତ୍ର ଅମର ନାୟକ, ଛାତ୍ରୀ ରୂପାଲି ପାତ୍ର, ପୂଜା ଗୌଡ଼ ଓ ପୂଜା ସ୍ୱାଇଁ ପାଠଚକ୍ରର ପ୍ରବନ୍ଧ ପାଠ କରିଥିଲେ । ଏହି ଅବସରରେ ଭାରତୀୟ ଗଣତନ୍ତ୍ରର ପୁନଃମୂଲ୍ୟାୟନ ଏବଂ ସମକାଳିକ ଭାରତରେ ନିର୍ବାଚନୀୟ ରାଜନୀତି ଓ ଆଇନ ଅନୁମୋଦିତ ଶାସନ ନୀତି ସମ୍ପର୍କରେ ମୁଖ୍ୟବକ୍ତାଙ୍କ ଦ୍ୱାରା ଆଲୋକପାତ କରାଯାଇଥିଲା । ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମନିର୍ଭରଶୀଳ ଭାରତ ସଂକଳ୍ପ ମେଳା



**କୋଦଳା,୩୦ ।୧୨(ସମିସ):** କୋଦଳା ଲକ୍ଷ୍ମୀନାରାୟଣ ସ୍ୱାତକ ମହାବିଦ୍ୟାଳୟ ତରଫରୁ କାକୁଡ଼ିଆପଡା ଗ୍ରାମରେ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ଉପସ୍ଥିତିରେ ଆତ୍ମନିର୍ଭରଶୀଳ ଭାରତ ସଂକଳ୍ପ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱଚ୍ଛତାର ବାର୍ତ୍ତା ନେଇ ଏକ ପଥପ୍ରାନ୍ତ ନାଟକ ଓ ସଙ୍ଗୀତ ମଞ୍ଚସ୍ଥ କରାଯାଇଥିଲା । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀଙ୍କ ସହଯୋଗରେ ମହାବିଦ୍ୟାଳୟ ପରିସର ସଫାସୁତରା ସହ ଚର୍ତୁପାର୍ଶ୍ୱରେ ଲାଗିଥିବା ବୃକ୍ଷ ଗୁଡିକର ସୁରକ୍ଷା ନିମନ୍ତେ ଜୈବିକ ସାର ଓ ପାଣି ଦିଆଗଲା । ଏଥିରେ ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ରଞ୍ଜୁବାଳା ନନ୍ଦ, ଏକାଡେମିକ ବର୍ଷର ଅଧ୍ୟାପକ ବିନୋଦ କୁମାର ମିଶ୍ର, ଯୁବ ରେଡ଼କ୍ରସର ସଂଯୋଜକ ଅଧ୍ୟାପକ ରତ୍ନାକର ପ୍ରଧାନ, ଜାତୀୟ ସେବା ଯୋଜନା ସଂଯୋଜିକା ଅଧ୍ୟାପିକା ସାଗରିକା ଦାଶଙ୍କ ସମେତ ଅନେକ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ନିମିନା ଓ ଜଗଦଳପୁରରେ ମଣ୍ଡି ଶୁଭାରମ୍ଭ






**ଆସିକା,୩୦ ।୧୨(ସମିସ):** ଆସିକା ବ୍ଲକର ଜଗଦଳପୁର ଓ ନିମିନା ପ୍ରାଥମିକ ସମବାୟ ସେବା ସମିତିରେ ମଣ୍ଡିର ଶୁଭାରମ୍ଭ ହୋଇଛି । ଏଆରସିଏସ ବିଜୟ ସାହୁ, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା, ଜଗଦଳପୁର ସେବା ସମିତି ସଭାପତି ନାରାୟଣ ସ୍ୱାଇଁ, ସମ୍ପାଦକ କାହ୍ନୁଚରଣ ସ୍ୱାଇଁ, ଡିଇଓ ମନୋଜ ଗୌଡ଼ ଉପସ୍ଥିତ ଥିଲେ । ସେହିଭଳି ନିମିନାରେ ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି, ନିମିନା ସେବା ସମିତିର ସଭାପତି ଭଗବାନ ନାୟକ, ସମ୍ପାଦକ ଭାଳେଶ୍ୱରୀ ପାତ୍ର ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ । ଆସିକା ବ୍ଲକରେ ପୂର୍ବରୁ ବିଭିନ୍ନ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ମଧ ଚାଷୀଙ୍କ ଧାନ ଯାଉନି ଯାହାକୁ ନେଇ ଚାଷୀ ଅସନ୍ତୋଷ ତେଜୁଛି ।

## ଗଞ୍ଜାମ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ

# ଦୁର୍ଘଟଣାରେ ମୃତ୍ୟୁହାର ୧୮ ପ୍ରତିଶତ ବଢ଼ିଛି

**ଛତ୍ରପୁର,୩୦ ।୧୨(ସମିସ)**

ଜିଲ୍ଲାରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏହା ଉପରେ ରୋକ୍ ଲଗାଇବାକୁ ବିଭିନ୍ନ ସ୍ତରରେ ବ୍ୟାପକ ସଚେତନ କରାଯାଉଛି । ତଥାପି ଗଞ୍ଜାମ ଜିଲ୍ଲାରେ ସଡ଼କ ଦୁର୍ଘଟଣା ଉପରେ ନିୟନ୍ତ୍ରଣ ଆସୁନି । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଦୁର୍ଘଟଣା ଜନିତ ହାର ୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ହାର ୧୮ ପ୍ରତିଶତ ବୃଦ୍ଧି ପାଇଛି । ଏଣୁ ଏନେଇ ବ୍ୟାପକ ଚଢ଼ଉ ସହିତ ଡ୍ରାଇଭରମାନଙ୍କୁ ନେଇ ସଚେତନ କରିବା ପାଇଁ ମଙ୍ଗଳବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚାଲିଥିବା ଜିଲ୍ଲା ସଡ଼କ ସୁରକ୍ଷା କମିଟିରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ନିର୍ଦ୍ଦେଶ ଦେଇଛନ୍ତି ।

୨୦୨୪ ଜାନୁଆରୀରୁ ନଭେମ୍ବର ମଧ୍ୟରେ ୭୫୭ ଟି ଦୁର୍ଘଟଣା ହୋଇଥିବା ବେଳେ ୩୫୩ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏଥିରେ ୫୦୪ ଜଣ ଆହତ ହୋଇଛନ୍ତି । ସେହି ତୁଳନାରେ ୨୦୨୫ ରେ ୮୨୯ ଟି ଦୁର୍ଘଟଣା ଘଟିଥିବା ବେଳେ ୪୧୯ ଜଣଙ୍କ ମୃତ୍ୟୁ ହୋଇଛି । ଏହା ସହିତ ୫୫୭ ଜଣ ଆହାତ ହୋଇଛନ୍ତି । ବିଶେଷ କରି ରାଜପଥ ଗୁଡିକରେ ଅଧିକ ଦୁର୍ଘଟଣା ଘଟି ମୃତ୍ୟୁ ମୃତାହତ ହେଉଛି ।



କିପରି ଏହା ଉପରେ ରୋକ ଲାଗିପାରିବ ସେନେଇ ଏନଫୋର୍ସମେଣ୍ଟ କଡ଼ାକଡ଼ି କରିବାକୁ କୁହାଯାଇଛି । ପ୍ରତ୍ୟେକ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଆଂଚଳିକ ପରିବହନ ଅଧିକାରୀ ଓ ଜାତୀୟ ରାଜପଥ ବିଭାଗର କର୍ତ୍ତୃପକ୍ଷମାନେ ଚିହ୍ନଟ ହୋଇଥିବା ବ୍ଲାକ୍‌ସ୍ପଟ ଅଞ୍ଚଳ ବୁଲି ଦୁର୍ଘଟଣାର କାରଣ ଖୋଜିବା ସହିତ ସମୀକ୍ଷା କରି ରିପୋର୍ଟ ସଂଗ୍ରହ କରିବାକୁ ବୈଠକରେ ଆଲୋଚନା ହୋଇଛି । ଏହା ସହିତ ସେଭ୍ ଲାଇଫ୍ ଅଫ୍ ଫାଉଣ୍ଡେସନ ପକ୍ଷରୁ କରାଯାଇଥିବା ସର୍ଭେ ଅନୁଯାୟୀ ଗଞ୍ଜାମ ଜିଲ୍ଲାର ୩୩ଟି ପୁଲିସ୍ ଥାନା ମଧ୍ୟରୁ ୧୧ଟି ଥାନା ଅଞ୍ଚଳରେ ୬୦ ପ୍ରତିଶତରୁ ଅଧିକ ଦୁର୍ଘଟଣା ଘଟିଛି । ସେହିପରି ବ୍ରହ୍ମପୁର ପୋଲିସ୍ ଜିଲ୍ଲାର ବି. ସଦର ଥାନା, ଦିଗପହଣ୍ଡି ଥାନା ଓ ଗୋଳନ୍ଥରା ଥାନା ଅଂଚଳରେ ଦୁର୍ଘଟଣା ଜନିତ ମୃତ୍ୟୁ ଅଧିକ ହେଉଥିବା ବେଳେ ଟ୍ରାଫିକ ଥାନା, ସଦର ଥାନା ଓ ଗୋଳନ୍ଥରା ଥାନା ଅଂଚଳରେ ଦୁର୍ଘଟଣାରେ ଅଧିକ ଆହାତ ହେଉଛନ୍ତି । ଚଳିତ ବର୍ଷ ଜାନୁଆରୀରୁ ନଭେମ୍ବର ଭିତରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ଓ ପୁଲିସ୍ ବିଭାଗ ପକ୍ଷରୁ ଦ୍ରୁତ ଗାଡ଼ି ଚାଳନା ନେଇ ୪ ହଜାର ୪୯୬ ଟି ମାମଲା ରୁଜୁ ହୋଇଥିବା ବେଳେ ହେଲମେଟ ବ୍ୟବହାର କରୁନଥିବା ନେଇ ୫୪ ହଜାର ୨୦୮ ଟି , ସିଟ୍ ବେଲ୍ଟ ବ୍ୟବହାର କରିନଥିବା ନେଇ ୧୨୪୦ ଟି ମାମଲା, ଗାଡ଼ି ଚାଳନା ବେଳେ ମୋବାଇଲର ବ୍ୟବହାର କରାଯାଉଥିବା ନେଇ ୧୨୪୯ ଟି, ମଦ୍ୟପାନ କରି ଗାଡ଼ି ଚଳାଉଥିବା ନେଇ ୨୩୦୦ ଟି,

### ବ୍ୟାପକ ଚଢ଼ଉ ସହ ସଚେତନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଟ୍ରିପିଲ୍ ରାଇଡିଂ ନେଇ ୫୭୫ ଜଣ, ବିପରୀତ ଦିଗରେ ଗାଡ଼ି ଚାଳନା ନେଇ ୧୯ ହଜାର ୪୨୪ଟି, ନାବାଳକ ଗାଡ଼ି ଚାଳନା ନେଇ ୨୬ଟି, ୭୩୫ଟି ଓଭର ଲୋଡିଂ ମାମଲା ରୁଜୁ ହୋଇଥିବା ବୈଠକରେ ଗଞ୍ଜାମ ଆଂଚଳିକ ପରିବହନ ଅଧିକାରୀ ଇଂ. ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି । ବୈଠକରେ ବ୍ରହ୍ମପୁର ଏସ୍‌ପି ଡଃ ସର୍ବଣା ବିବେକ ଏମ୍., ଗଞ୍ଜାମ ଏସ୍‌ପି ସୁଭେନ୍ଦୁ କୁମାର ପାତ୍ର, ଏନ୍‌ଏଚ୍‌ଏଆଇ ପିଡି ଡି. ପ୍ରକାଶ, ଗଞ୍ଜାମ ଆର୍‌ଟିଓ ଇଂ. ଦେବାଶିଷ ସ୍ୱାଇଁ, ଭଞ୍ଜନଗର ଆରଟିଓ ଭାଗିରଥି ନାୟକ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ଅଲେଖ କୁମାର ପ୍ରଧାନ, ଖଲ୍ଲିକୋଟ, ଗଞ୍ଜାମ, ରମ୍ଭା, ପୁରୁଷୋତ୍ତମପୁର ଏନ୍‌ଏସିର ନିର୍ବାହୀ ଅଧିକାରୀ, ବସ ଓ ମିନି ବସ ମାଲିକ ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ ।

# ନିଶା ନିବାରଣ କର୍ମଶାଳା

**ବେଗୁନିଆପଡା,୩୦ ।୧୨(ସମିସ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଫାସୀ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ନିଶା ନିବାରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଫାସୀ ପଞ୍ଚାୟତ ସରପଞ୍ଚ ଟୁନୁ ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଫାସୀ ସେକ୍ଟରର ସମସ୍ତ ଅଙ୍ଗନବାଡ଼ି କର୍ମୀ, ସାମାଜିକ କର୍ମୀ ତଥା ଭଞ୍ଜ ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଅଧ୍ୟାପକ ପଣ୍ଡିତ ଦୁର୍ଗା ପ୍ରସାଦ ଦାଶ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ରାଉତରାୟ ପରିଚାଳନା କରିଥିଲେ । ନିଶାର କରାଳ ବିଭୀଷିକା ଏବଂ ସମାଜ ଉପରେ ଏହାର ପ୍ରଭାବ ବିଷୟରେ ପଣ୍ଡିତ ଦୁର୍ଗା ପ୍ରସାଦ ଦାଶ ଆଲୋକପାତ କରିଥିଲେ । ଦାସକାଠିଆ ମାଧ୍ୟମରେ ଗାୟକ ପଣ୍ଡିତ ଦୁର୍ଗା ପ୍ରସାଦ ଦାଶ ନିଜର ସାଥିଙ୍କ ନେଇ ଉପସ୍ଥିତ ଜନସାଧାରଣଙ୍କ ସମ୍ମୁଖରେ ନିଶା ନିବାରଣ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ଆଗକୁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସାମାଜିକ କର୍ମୀ ପ୍ରିୟବ୍ରତ ରାଉତରାୟ କହିଥିଲେ ।

# ବିଜେପିର ସାଙ୍ଗଠନିକ କମିଟି ଗଠିତ

**ଭଞ୍ଜନଗର,୩୦ ।୧୨(ସମିସ):** ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଭଞ୍ଜନଗର ସାଙ୍ଗଠନିକ ଜିଲ୍ଲା ସଭାପତି ନୀଳମାଧବ ପାତ୍ର ମଙ୍ଗଳବାର ଜିଲ୍ଲା କମିଟି ଘୋଷଣା କରିଛନ୍ତି । କମିଟିରେ ସଭାପତିଙ୍କ ସହିତ ୮ ଜଣ ଉପସଭାପତି, ୮ ଜଣ ସମ୍ପାଦକ, ୩ଜଣ ସାଧାରଣ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷ ସ୍ଥାନ ପାଇଛନ୍ତି । ରାଧାମୋହନ ସ୍ୱାଇଁ, ରାମଚନ୍ଦ୍ର ମିଶ୍ର, ସୁନୀଲ ପାଢ଼ୀ, ସମୀର ନାୟକ, ସୁଧୀର ଜେନା, ପ୍ରତିମା ମହାପାତ୍ର, ପ୍ରତିମା ସାହୁ, ଶ୍ରୁତି ସାହୁ ପ୍ରମୁଖ ଉପସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସନ୍ତୋଷ ପାଳ, ବୁଲୁ ସ୍ୱାଇଁ ଏବଂ ସୀମାଞ୍ଚଳ ସାହୁଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ସମ୍ପାଦକ ଭାବେ ତାପସ ପ୍ରଧାନ, ମାନସ ଜେନା, ରାଧାମାଧବ ପରିଡା, ମିଥୁନ ନାୟକ, ଶାନ୍ତି ମଣ୍ଡଳ, ଗୀତାଞ୍ଜଳି ନାୟକ, ରେବତୀ ନାୟକ, ବର୍ଷା ନାୟକ ଏବଂ ବରୁଣ ସ୍ୱାଇଁଙ୍କୁ କୋଷାଧ୍ୟକ୍ଷ ମନୋନୀତ କରାଯାଇଛି । ଏହା ସହିତ ୭୦ ସଦସ୍ୟ ବିଶିଷ୍ଟ ଜିଲ୍ଲା କାର୍ଯ୍ୟକାରିଣୀ ମଧ୍ୟ ଗଠନ କରାଯାଇଛି । ଜିଲ୍ଲା ପ୍ରଭାରୀ ଭଗବାନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ବିଧାୟକ, ସାଂସଦଙ୍କ ସହିତ ଆଲୋଚନା ପରେ କମିଟି ପ୍ରସ୍ତୁତ କରାଯାଇଛି ।

# ଚକରା ବିଷୋୟୀଙ୍କ ଜନ୍ମମାଟିରେ ରାଜ୍ୟସ୍ତରୀୟ ଜୟନ୍ତୀ

**ଭଞ୍ଜନଗର,୩୦ ।୧୨(ସମିସ):** ବୀର ଚକରା ବିଷୋୟୀଙ୍କ ଜନ୍ମମାଟି ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବିଞ୍ଜିଗିରିରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ୨୦୩ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବିଧାୟକ ନାୟକ କହିଥିଲେ ଯେ, ପ୍ରଥମ ଥର ପାଇଁ ବୀର ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ତାଙ୍କ ଜନ୍ମପୀଠରେ ସରକାରଙ୍କ ପକ୍ଷରୁ ପାଳିତ ହେଉଛି । ପୂର୍ବରୁ ଭୁବନେଶ୍ୱର ଓ ଭଞ୍ଜନଗର ଟାଉନ୍ ହଲରେ ଏହି ଉତ୍ସବ ପାଳନ ହେଉଥିଲା । ଅଞ୍ଚଳବାସୀଙ୍କ ଅନୁରୋଧକୁ ରକ୍ଷା କରି ବିଞ୍ଜିଗିରିରେ ଚଳିତ ବର୍ଷ ପାଳନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ସେ ଏହାକୁ ଅନୁମୋଦନ କରିଥିଲେ । ଏହିଭଳି ଜଣେ ମହାନ ବୀରଙ୍କ ଜନ୍ମମାଟିର ବିକାଶ ପାଇଁ ସରକାର ୧୫ କୋଟି ଟଙ୍କା ଅନୁଦାନ ଦେଇଛନ୍ତି । ଏହାର ଅର୍ଥ ୪ ଦିନ ପୂର୍ବେ ଆସିଯାଇଛି । ଆଗାମୀ ଦିନରେ ତୋରା ବାଡ଼ିରେ ଏକ ସହିଦ ସ୍ମୃତିସ୍ତମ୍ଭ ହେବ । ଏଥିସହ ଅନ୍ୟାନ୍ୟ ବିକାଶ ପାଇଁ ଆହୁରି ୮ କୋଟି ଅନୁଦାନ ଆସିବ ବୋଲି ବିଧାୟକ ନାୟକ ସଭାରେ ଘୋଷଣା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ




କରାଯାଇଥିଲା । ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ଅଧ୍ୟକ୍ଷତା କରିଥିଲେ ।

### ଜନ୍ମମାଟିର ବିକାଶ ପାଇଁ ୧୫କୋଟି ଅନୁଦାନ

ଡ. ରୋଜାଲିନ ସେନାପତି, ଡିଏଫଓ ହିମାଂଶୁ ଶେଖର ମହାନ୍ତି, ବିଡିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଆପଟ୍ଟ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଏଏସପି ରଞ୍ଜନ କୁମାର ଦେ, ସିଡିପିଓ ନିଳିମା କୁମାରୀ ପଣ୍ଡା, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ରିତାରାଣୀ ମହାପାତ୍ରଙ୍କ ଦ୍ୱାରା ଓଡିଆ ଅନୁବାଦ ପୁସ୍ତକ କନ୍ଧମାନଙ୍କ ଅଞ୍ଚଳ ଫୁଲବାଣୀ ଓ ଜଗଦୀଶ ପାଣିଗ୍ରାହୀଙ୍କ ଦ୍ୱାରା ସଙ୍କଳିତ ଅନନ୍ତ ପଦ୍ମନାଭ ପଟ୍ଟନାୟକଙ୍କ ଲିଖିତ ଚକରା ବିଷୋୟୀ ପୁସ୍ତକର ନୂତନ ସଂସ୍କରଣ ଉନ୍ମୋଚିତ ହୋଇଥିଲା । ଚକରା ବିଷୋୟୀ କଲଚୁରାଲ ଏକାଡେମୀ ପକ୍ଷରୁ ଜଗଦୀଶ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାକୁ ଏକାଡେମୀ ପକ୍ଷରୁ ଜଗବନ୍ଧୁ ଜେନା ଓ ସନ୍ତୋଷ କୁମାର ଜେନା ସଂଯୋଜନା କରିଥିଲେ । ଶେଷରେ ଚକରା ବିଷୋୟୀଙ୍କ ଉପରେ ଏକ ନାଟକ ପରିବେଷଣ ହୋଇଥିଲା । ସୁବାସ ପ୍ରଧାନ, ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡି, ରବୀନ୍ଦ୍ର ଗୌଡ଼, ଦୁର୍ଗା ବିଷୋୟୀ, ପୂର୍ଣ୍ଣ ବିଷୋୟୀ, ଗୌରହରି ଗୌଡ଼, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଆଦିବାସୀ ଉନ୍ନୟନ ସଂଗଠନର ବାର୍ଷିକ ଉତ୍ସବ

**ଧରାକୋଟ,୩୦ ।୧୨(ସମିସ):** ଘୁମୁସର ଓ ଧରାକୋଟ ତାଲୁକାର ଗଞ୍ଜାମ ଜିଲ୍ଲା ଆଦିବାସୀ ଉନ୍ନୟନ ସଂଗଠନର ୪ର୍ଥ ବାର୍ଷିକ ଉତ୍ସବ ଗୁଣ୍ଟପଡା ନିକଟସ୍ଥ ଗୋଳାବନ୍ଧ ପଲ୍ଲୀ ପଡିଆରେ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ,



ସଭାପତି ଶରତ ମଳିକ, ଉପ ସଭାପତି ବିଭୀଷଣ ମଳିକ, କାର୍ଯ୍ୟକାରୀ ସଭାପତି ନାରାୟଣ ମଳିକ, ସମ୍ପାଦକ ସୁଦାମ ମଳିକ, ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ମଳିକ, କୋଷାଧ୍ୟକ୍ଷ କୈଳାସ ମଳିକ ସମେତ ଗୁଣ୍ଟପଡା ସରପଞ୍ଚ ସୌଦାମିନୀ ଦଳାଇ, ଆମ୍ବିର ଅଧ୍ୟକ୍ଷ ବିଜୟ ସ୍ୱାଇଁ, ବିଧାୟକଙ୍କ ପୁଅ ସଂଗୀତ ପାଢ଼ୀ ଓ ସନ୍ଦୀପ ପାଢ଼ୀ, ଘୁମୁସର ଓ ଧରାକୋଟ ତାଲୁକା ସଭାପତି ରଘୁନାଥ ମଳିକ ଓ ଶେରଗଡ଼, ସୋରଡ଼ା, ଚିକିଟି, ମହୁରୀ, ଘଣ୍ଟକେଶ୍ୱରୀ, ବଡ଼ଖେମୁଣ୍ଡି, ସାନଖେମୁଣ୍ଡି, ଧରାକୋଟ ଓ ଘୁମୁସର ତାଲୁକାର ସଭାପତି ଓ ସମ୍ପାଦକ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆଦିବାସୀ ଅଞ୍ଚଳରେ ବନ୍ଦ ଥିବା ବିଦ୍ୟାଳୟ ଖୋଲିବା, ଗୋଳାବନ୍ଧ ଗ୍ରାମରେ କନ୍ଧ ସମାଜର ଏକ କୋଠଘର ନିର୍ମାଣ ନିମନ୍ତେ ଆର୍ଥିକ ଅନୁଦାନ, ଆଦିବାସୀ ଗ୍ରାମ ମାନଙ୍କରେ ମିନି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ ଭଳି ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା ।

# ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନର ସହ ଆର୍‌ଆଇଇର ଚୁକ୍ତିନାମା

**ରଙ୍ଗେଇଲୁଣ୍ଡା,୩୦ ।୧୨(ସମିସ):** କନିଷି ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନ ସହ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ସର୍ବପୁରାତନ ଶିକ୍ଷକ ଶିକ୍ଷା ଦିବାକର ପଟ୍ଟନାୟକ ପ୍ରତିଷ୍ଠାନରେ ଶିକ୍ଷା, ଗବେଷଣା ଓ ପରିବର୍ଦ୍ଧିତ ସେବାରେ ଉନ୍ନତି ଆଣିବାକୁ ସୁଯୋଗ ସୃଷ୍ଟି କରିବା ପାଇଁ ଆର୍‌ଆଇଇ ଭୁବନେଶ୍ୱର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଫେସର ଲକ୍ଷ୍ମୀଧର ବେହେରା ସାମିଲ ହୋଇଥିଲେ । ଜାତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ତଥା ଚୁକ୍ତି ସ୍ମାରକୀ କମିଟିର ଚେୟାରମ୍ୟାନ ପ୍ରଫେସର ହୃଷୀକେଶ ସେନାପତିଙ୍କ ଉପସ୍ଥିତିରେ ଆର୍‌ଆଇଇ ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଓ ଦିବାକର ପଟ୍ଟନାୟକ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମନୋଜ ପ୍ରଧାନଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା । ଏହି ଅବସରରେ ପ୍ରଫେସର ଦେବେନ୍ଦ୍ର ସେଠୀ, ସହକାରୀ ପ୍ରଫେସର ଶୁଭଶ୍ରୀ ମିଶ୍ର, ରଶ୍ମିତା ପାତ୍ର, ପ୍ରଫେସର ରମାକାନ୍ତ ମହାଳିକ ଉପସ୍ଥିତ ଥିଲେ ।



## ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଦ୍ୱିତୀୟ ସେମିଫାଇନାଲ୍‌ରେ ଇଚ୍ଛାପୁରମ୍ ବିଜୟୀ

**ରମ୍ଭା,୩୦ ।୧୨(ସମିସ)**

ସ୍ଥାନୀୟ ମିନି ଷ୍ଟାଡିୟମରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୮ ମ ଦିନରେ ଖେଳ ଆଇସିସି ଇଚ୍ଛାପୁରମ ଓ ପୁରୀ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରମ୍ଭା ଆଇଆଇସି କୁମର ମୁଦୁଲ ଓ ବ୍ୟବସାୟୀ କେ. ସୁଶାନ୍ତ କୁମାର ପାତ୍ରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉପାଧ୍ୟକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି, କେ. ପ୍ରଶାନ୍ତ ପାତ୍ର ଓ ଅନିଲ ପାଢ଼ୀ ପ୍ରମୁଖ ମଞ୍ଚାସିନ ଥିଲେ ।

ଇଚ୍ଛାପୁରମ ଦଳ ଟସ୍ ଜିତି ବୋଲିଂ ନିଷ୍ପତି ନେଇଥିଲା । ପୁରୀ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ବିନିମୟରେ ୨୦୮ ରନ




କରିଥିଲା । ଦଳ ପକ୍ଷରୁ ଚନ୍ଦନ ୪୧ ବଲ୍‌ରେ ୭୪ ରନ କରିଥିଲେ । ଜବାବରେ ଇଚ୍ଛାପୁରମ୍‌ର ପ୍ରସନ୍ନଙ୍କ ଧୂଆଁଧାର ଅର୍ଦ୍ଧଶତକ ବଳରେ ଟିମ୍ ବିଜୟ ହାସଲ କରିଥିଲା । ପ୍ରସନ୍ନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ କରାଯାଇଥିଲା । ମୁଖ୍ୟ ଅତିଥି କେ. ସୁଶାନ୍ତ ପାତ୍ର ପ୍ରସନ୍ନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

ଆସନ୍ତା ୨ ତାରିଖ ଦିନ ଗଞ୍ଜାମ ଇଲେଭେନ୍ ସହ ପୁରୀ ଇଲେଭେନ୍ ମଧ୍ୟରେ ପ୍ରଦର୍ଶନୀ ମହିଳା କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ ଏବଂ ୪ ତାରିଖ ଦିନ ରମ୍ଭା କ୍ରିକେଟ କ୍ଲବ ସହ ଇଚ୍ଛାପୁରମ ଦଳର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଭାଷ୍ୟକାର ସନ୍ତୋଷ କୁମାର ନାହାକ

### ୨ ତାରିଖରେ ମହିଳା ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍

ଓ ମହେଶ ମୁଦ୍ରା ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଜଗନ୍ନାଥ ଚୌଧୁରୀ(ବ୍ରହ୍ମପୁର), ଅମ୍ପାୟାର ଦେବବ୍ରତ ଦେବ ( ଗଞ୍ଜାମ), ସୁଶାନ୍ତ କୁମାର ପଣ୍ଡା ( ଓ.ସି.ଏ ପ୍ୟାନେଲ ) ରହିଥିଲେ । ରମ୍ଭା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ମହେଶ୍ୱର ନାୟକ (ହାପି), ଗୁପ୍ତ, ଭବାନୀ, ସିଲୁ, ସୌମ୍ୟ, ଚିକୁ, କୃଷ୍ଣ, ବିକି, ଦୁଷ୍ମନ୍ତ, ଉମା, ସଚିନ ଓ ସଦସ୍ୟା ଜୁଲି, ମଲି, ଇତି, ଝରଣା ପ୍ରମୁଖ ସହଯୋଗ କରିଥିଲେ ।

# କବାଡ଼ି ଚାମ୍ପିଅନ୍ ଟିମ୍‌କୁ ସମ୍ବର୍ଦ୍ଧନା



**ଗଞ୍ଜାମ,୩୦ ।୧୨(ସମିସ):** ଗଞ୍ଜାମ କଲେଜ କବାଡ଼ି ଚାମ୍ପିଅନ୍ ଟିମ୍‌କୁ କଲେଜ ପ୍ରାଙ୍ଗଣରେ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି । ଅଧ୍ୟକ୍ଷା ଡ଼ଃ. ସ୍ମରଣିକା ହୋତା ସମ୍ମାନିତ କରିଥିଲେ । କ୍ରୀଡ଼ା ମହୋତ୍ସବ ଆୟୋଜକ ଦିଗଦର୍ଶନ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଓଡିଶା ସାମ୍ବାଦିକ ସଙ୍ଘ ରାଜ୍ୟ ମହିଳା ଆବାହିକା ବିଜୟଲକ୍ଷ୍ମୀ ମହାକୁଡ଼, ଅନୁଷ୍ଠାନର ସଭାପତି ତଥା ଓଜେୟୁ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ କବାଡି ଟିମର ପ୍ରତିଯୋଗୀମାନଙ୍କ ଉଜ୍ୱଳ ଭବିଷତ କାମନା କରିଥିଲେ । ଉର୍ମିଳା ବେହେରା, ମାମା ବେହେରା, ସ୍ମୃତି ବେହେରା, ଶ୍ରୀୟା ତରାଇ, ପୂଜା ଗୌଡ଼, କିରନ ବେହେରା, ପ୍ରିୟଙ୍କା ବେହେରା, ଲିଲି ଗୋଲରୀ ପ୍ରମୁଖ ସମ୍ମାନିତ ହୋଇଥିଲେ । ଲୋକନାଥ ମିଶ୍ର, ଜଗଦୀଶ ପାଢ଼ୀ, ସୁଶାନ୍ତ ସେଠୀ, ଗିରିଶ କୁମାର ଆଚାର୍ଯ୍ୟ, ଅରୁନ୍ଧତୀ ସିଂ, ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ଅଧ୍ୟାପକ ଉପସ୍ଥିତ ଥିଲେ ।

